ରଣପୁର ଦୁର୍ଘଟଣାର ଅସଲ ବିବରଣୀ କ୍ରମେ ଜଣାପଡୁଛି

ଅର୍ଦ୍ଧମୃତ ଦେହ ଦେଖି ଲୋକେ ଉତ୍ୟକ୍ତ ହୋଇ ଉଠିଲେ

ମେଜର ବେଜଲଗେଟ୍ ତା ୫ ରଖ ସକାଳେ ନୂଆଗଡ଼ରୁ ଅସିଲାବେଳେ ଟ୍ରେନ ପଡ଼ିଥିବା ଦେଖି ଗୁରୁତର ଭାବରେ ଆହତ କରିଥିବା ଓ ରଣପୁର ଗଡ଼ରେ ସମ୍ଭବେଳେ ଶଗଡ଼ରେ ଲୋକେ ସେ ଦୁଇଟି ଦରମ୍ଭ ଲୋକଙ୍କୁ ଅଣି ପହଞ୍ଚାଇ (ଏହି ସଲଟଣିଆ) ପାଇଁ ବୋଲି କହିବାରୁ ଏବଂ ମେଜର ଶଗଡ଼ ପାଖରୁ ଯାଇ ସେ ଦୁଇ ଆହତ ଲୋକଙ୍କୁ ଅନ୍ୟତ୍ର ନେଇଯିବାପାଇଁ ଅଦେଶ ଦେବାରୁ ଲୋକ ଉତ୍ୟକ୍ତ ହୋଇ ତାଙ୍କୁ ଘେରିଗଲେ ଏବଂ ସେ ଆତ୍ମରକ୍ଷାପାଇଁ ରିଭଲଭର ଫୁଟାଇବାରେ ତାଙ୍କୁ ଲାଠିଯୋଗେ ଆକ୍ରମଣ ହେଲା

ସେ ଲାଠି ପାହାର ମାନଙ୍କରେ ଆହତ ହୋଇ ପାଖର ଗୋଟାଏ ଘର ଭିତରକୁ ପଳାଇ ଯିବାବେଳେ ଦୁଆର ବନ୍ଦ ହୋଇଥିବାରୁ ବରଣ୍ଡାରେ ପଡ଼ିଗଲେ ଏବଂ ଲାଠି ମାଡ଼ରେ ତାଙ୍କର ଅଳ୍ପସମୟ ପରେ ପ୍ରାଣବାୟୁ ଉଡ଼ିଗଲା

କଟକ; ତା ୧।୧।୩୯ କହିଲେ ଯେ ଏ 'ସଲଟଣିଆ' ସାହେବ ରଣପୁରରେ ପଲିଟିକାଲ ଏଜେଣ୍ଟଙ୍କର ମୃତ୍ୟୁ ଘଟଣାର ଖବର କ୍ରମେ କ୍ରମେ ପ୍ରକାଶ ପାଉଛି । ବର୍ତ୍ତମାନ ଜଣା ପଡୁଛି ଯେ ୩ ତାରିଖ ବୌଦରୁ ୧୮ ଜଣ ବୌଦ ପୁଲିସ ରଣପୁରରେ ପହଞ୍ଚିଥିଲେ । ୩ ତାରିଖ ରାତି ଓ ୪ ତାରିଖ ସକାଳେ ଗୃଦପୁର ଥାନା ହେଡ଼ କନେଷ୍ଟବଲ ସହିତ ଜେମାଦେଇପୁର ଅରକ୍ଷିତ ସାହୁ; ଘନ ମହାପାତ୍ର ଓ ଆଉ କେତେକଙ୍କ ଘରେ ପଶି ଅନେକ ଜିନିଷ ପତ୍ର ନେଇଗଲେ। ଅଇଯୋଗ ଯେ ସେମାନଙ୍କୁ ଶାମିଆ ସାହୁ ଓ ନେତ୍ର କାଉରିକ ମାଡ଼ ହୋଇଥିଲା । ଜେମାଦେଇ ପୁରର ଘନଶ୍ୟାମ ମହାପାତ୍ର; ଗିରଧାରୀ ସାହୁ ପ୍ରଭୃତିଙ୍କୁ ଗିରଫ କରି ନେଇଗଲେ । ଗୃଦପୁର ପ୍ରଜାମଣ୍ଡଳ ଅଫିସ ଭାଙ୍ଗିଦେଇ ଆନନ୍ଦ ବେହେରା; ନୀଳକଣ୍ଠ ବେହେରା; ଅଗାଧୁ ସାହୁ; ଅନନ୍ତ ମଲିକ; ମଧୁସାହୁ, କିନ୍ତୁ ନୂଆଗଡ଼ର ନଟବର ପ୍ରଧାନ; ସୁନାଖଲା ପଟର କୃପାସିନ୍ଧୁ ମିଶ୍ର ଓ ଗଦାଧର ସାହୁଙ୍କୁ ଗିରଫ କରି ନେଇଥିଲେ । ଏମାନଙ୍କୁ ସବୁ ଜେଲ ହାଜତରେ ରଖା ଯାଇଥିଲା । କୃପାସିନ୍ଧୁ ମିଶ୍ର ପ୍ରଭୃତିଙ୍କୁ ମାଡ଼ ହୋଇଥିବା ପ୍ରକାଶ । ତା ୫ ରଖ ଦିନ ସକାଳେ ଲୋକେ ରଣପୁର ଗଡ଼କୁ ଅସିଲେ ।

ସକାଳେ ରଣପୁରରୁ କରୁଣ ଖବର ପାଇ ପଲିଟିକାଲ ଏଜେଣ୍ଟ ମେଜର ବେଜଲ-ଗେଟ୍ ନୟାଗଡ଼ର ସୁବେଦାରଙ୍କୁ ସଙ୍ଗରେ ଧରି ମଟରଯୋଗେ ରଣପୁରକୁ ଆସୁଥିଲେ । ରଣପୁର ଗଡ଼ଠାରୁ ମାଇଲଏ ବା ଦୁଇମାଇଲ ଦୂରରେ ରାସ୍ତାରେ ଗଛ କଟାହୋଇ ପଡ଼ିଥିବାର ଦେଖିଲେ । ପ୍ରକାଶ ଯେ ସେଠାରେ ସେ ଗାଡ଼ିରୁ ଓହ୍ଲାଇ ନିକଟରେ କାମ କରୁଥିବା ୩।୪ଜଣ ଲୋକଙ୍କୁ ଧରିଆଣି ଗଛ ଉଠାଇବାକୁ କୁଆଡ଼େ ହୁକୁମ କଲେ । ସେମାନେ ଗୁରୁଜଣ ଲୋକ ଏଡ଼େ ବଡ଼ଗଛ ଉଠାଇ ପାରିବେ ନାହିଁ ବୋଲି ମନାକଲେ । ଅଇଯୋଗ ଯେ ଲୋକଙ୍କୁ ମାଡ଼ହେଉ, ଏପରି ମାଡ଼ହେଲା ଯେ ସେମାନେ ଅଚେତା ଦରମ୍ଭ ହୋଇ ପଡ଼ିଗଲେ । ସାହେବ ସେଠାରୁ ବାଟକାଟି ରଣପୁର ଗଡ଼କୁ ଅସି ରାଜପ୍ରାସାଦକୁ ଗଲେ । ପ୍ରକାଶ ଯେ ୩।୪ହଜାର ଲୋକ ସେ ଦିନ ରଣପୁର ଗଡ଼ରେ ଜମା ହୋଇଥିଲେ । ସେଠାନ ଲୋକଙ୍କୁ କଣ ବୁଝାଉଥିବ କେତେ ପଲିଟିକାଲ ଏଜେଣ୍ଟ ଦୁଇ ତିନିଜଣ ପୁଲିସ, ଡାକ୍ତର ଓ ସୁବେଦାରଙ୍କୁ ସଙ୍ଗରେ ନେଇ ଦେବାନ ପାଖେ ଯାଇ ସଭାରେ ଉପସ୍ଥିତ ହେଲେ । ସେଠାନ ବୁଝାଉଥିବା ବେଳେ ସେ ମଧ୍ୟ ସେଠାରେ ଥାନ୍ତି ।

ଏହିପରି ସମୟରେ କେତେଜଣ ଲୋକ ଦୁଇଟା ଶଗଡ଼ରେ ଦରମ୍ଭ ଅବସ୍ଥାରେ ଅଚେତ ହୋଇ ଯାଇଥିବା ଉପରୋକ୍ତ ଦୁଇଟି ଲୋକଙ୍କ ଘେନି ସେଠାରେ ଅସି ପହଞ୍ଚିଲେ । ଠାଙ୍କି ଡାକ୍ତରଖାନାକୁ ଅଣିଥିବା ପ୍ରକାଶ । ସେମାନେ ସାହେବ ବାଟରେ ଦୁଇଟା ଲୋକଙ୍କୁ ମାରିଦେଇ ଅସିଲେ ବୋଲି ପାଟିକଲେ । ସେତେବେଳେ ଲୋକେ ଶଗଡ଼ ଅଡ଼କୁ ଗଲେ । ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ ନିଜେ ଶଗଡ଼ ଅଡ଼କୁ ଯାଇ ସେମାନଙ୍କ ନାଡ଼ ଦେଖି କହିଲେ କିଛି ହୋଇନାହିଁ, ଭଲଅଛନ୍ତି, ଏହା ବିଶେଷ କିଛି ନୁହେଁ । ସେ ସେମାନଙ୍କୁ ଡାକ୍ତରଖାନାକୁ ପଠାଇ ଦେବାପାଇଁ ଗୋଟାଏ ଗାଲବାଟରେ ନେଲାବେଳେ ଲୋକଙ୍କ ଭିତରୁ କେତେକ ଜାଗତିଆର ରହିଛନ୍ତି । ନିକଟସ୍ଥ ମଫସଲ ଅଞ୍ଚଳକୁ ବେଳେ ବେଳେ ଯାଉଛନ୍ତି ।

କଟକର ୫୦ଜଣ ପର୍ଯ୍ୟନ୍ତ ସଶସ୍ତ୍ର ପୁଲିଶ ବର୍ତ୍ତମାନ ରଣପୁରରେ ଅଛନ୍ତି । ପ୍ରଥମଶ୍ରେଣୀ ଡେପୁଟି ମାଜିଷ୍ଟ୍ରେଟ ଓ ପୁଲିସ ଇନ୍‌ସପେକ୍‌ଟର ରହିଛନ୍ତି । ଓଡ଼ିଶା ସରକାରଙ୍କର ଗୁପ୍ତ ପୁଲିସ ଇନ୍‌ସପେକ୍‌ଟର ଅନୁସନ୍ଧାନ କରୁଥିବା ଖବର ମିଳେ । ଓଡ଼ିଶା ସରକାରଙ୍କର ପୁଲିସ ଇନ୍‌ସପେକ୍‌ଟର ଜେନେରାଲ ସାହେବ ରଣପୁରରୁ କଟକକୁ ଫେରି ଗଲେଣି ।

—:—

ଷ୍ଟେଟ ପୁଲିସଙ୍କ ଲୁଟତରାଜ

କଟକର ୭ଜଣ କନଷ୍ଟବଲ ସସପେଣ୍ଡ ହୋଇଲେ ?

କଟକ, ତା ୧।୧।୩୯

ରଣପୁରର ଲୋକେ ଅତଙ୍କରେ ଘରଦ୍ୱାର ଦୋକାନପତ୍ର ସବୁ ପକାଇ ଦେଇ ଯେ ଯୁଆଡ଼େ ପଳାଇ ଯାଇଛନ୍ତି । ଏ ସୁଯୋଗରେ ରଣପୁର ଷ୍ଟେଟ ଓ ବାହାରର କେତେକ ପୁଲିସବାଲା ଜିନିଷପତ୍ର ଲୁଟକରି ନେଇ ଥିବାର ଖବର ମିଳିଛି । ପ୍ରକାଶ ଯେ କଟକ ପୁଲିସ ଫୌଜ ଭିତରୁ ୭ଜଣ କେତେକ ଲୁଟପାଟ ନେଇ ଅସିବାର ଖବର ମିଳିବାରେ ସେମାନଙ୍କୁ ପୁଲିସ ଅଇ, ଜ, ସସପେଣ୍ଡ ହୁକୁମ ଦେଇଛନ୍ତି । ସେମାନଙ୍କ-ଠାରୁ କଟକଠାରେ ମାଲ କରିବାକୁ ହୋଇଥିବା ପ୍ରକାଶ ।

—:—

ରେସିଡେଣ୍ଟ ଫେରିଲେ

କଟକ ତା ୧।୧।୩୯

ରେସିଡେଣ୍ଟ ଲେଫଟନାଣ୍ଟ କର୍ଣ୍ଣେଲର ବସନ ଓ ତାଙ୍କ ସେକ୍ରେଟରୀ ବାଲୋ କାଲି ସନ୍ଧ୍ୟା ଏକ୍ସପ୍ରେସରେ ରଣପୁରରୁ ଖୋର୍ଦ୍ଧାରୋଡ଼ ଅସି କଲିକତା ଫେରିଲେ ।

—:—

ନୂଆ ପଲିଟିକାଲ ଏଜେଣ୍ଟ ଆଠଗଡ଼ରେ ଓହ୍ଲାଇଲେ

କଟକ, ତା ୧।୧।୩୯

ଗତ ୭ ତାରିଖ ଦ୍ୱିପ୍ରହରେ ଓଡ଼ିଶା ଗଡ଼ଜାତର ନୂଆ ପଲିଟିକାଲ ଏଜେଣ୍ଟ ନିଯୁକ୍ତ ହୋଇଥିବା ମିଃ ଅଣ୍ଡରସନ ଠାଣ୍ଡାଗରଠାରୁ ଉଡ଼ାଜାହାଜରେ କଟକରେ ପହଞ୍ଚିବେ ବୋଲି ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାଖରେ ଖବର ମିଳିଲା । ସେଥିପାଇଁ ସ୍ଥାନୀୟ ପୁଲିସ କିଲ୍ଲା ପଡ଼ିଆରେ ପତାକା ପୋତି ସନ୍ଧ୍ୟା ପର୍ଯ୍ୟନ୍ତ ଜଗି ରହିଥିଲେ । କିନ୍ତୁ ଉଡ଼ାଜାହାଜ ଅସି ପହଞ୍ଚିଲା ନାହିଁ ।

କାଲି ଖବର ମିଳିଛି ଯେ ନୂଆ ପଲିଟିକାଲ ଏଜେଣ୍ଟ ଉଡ଼ାଜାହାଜ ଯୋଗେ ଆଠଗଡ଼ ଏରୋଡ୍ରମଠାରେ ୭ ତାରିଖ ସନ୍ଧ୍ୟାରେ ଓହ୍ଲାଇ ଥିଲେ । ଆଠଗଡ଼ ଦେଓ୍ୟାନ ସାହେବ ତାଙ୍କ ସଙ୍ଗେ ଦେଖା କରିଥିଲେ ଏବଂ ପୁଲିସ ତାଙ୍କୁ ସେଲ୍ୟୁଟ ଦେବା ପରେ ସେ ମଟର ଯୋଗେ ଡେଙ୍କାନାଳ ଗଲେ । ସେଠାରୁ ଟ୍ରେନ ଯୋଗେ ରଣପୁର ଚାଲେ ।

ନୂଆ ପଲିଟିକାଲ ଏଜେଣ୍ଟ ଏବଂ ଆସିଷ୍ଟାଣ୍ଟ ପଲିଟିକାଲ ଏଜେଣ୍ଟ ମିଷ୍ଟର, ଡ଼ବ୍ଲା ବର୍ତ୍ତମାନ ରଣପୁରଠାରେ ଅଛନ୍ତି ।

—:—

ମିସେସ ବେଜଲଗେଟ ଫେରିଲେ

କଟକ, ତା ୧।୧।୩୯

ମିସେସ ବେଜଲଗେଟ କାଲି ସନ୍ଧ୍ୟାରେ ରେସିଡେଣ୍ଟଙ୍କ ସଙ୍ଗେ ଖଡ଼ଗପୁର ଅଭିମୁଖରେ ଗଲେ । ସେଠାରୁ ସେ ସମ୍ବଲପୁର ଫିରେ ବୋଲି ଖବର ମିଳେ ।

—:—

୧୯ ମରିବା କଥା ଅମୂଳକ

କଟକ, ତା ୧।୧।୩୯

କୌଣସି କୌଣସି ଇଂରେଜି ଖବର କାଗଜରେ ପ୍ରକାଶ ପାଇଛି ଯେ ରଣପୁରରେ ୧୯ଜଣ ଲୋକ ଗୁଳିରେ ମରିଛନ୍ତି । ଏ ସମ୍ବାଦ ଅମୂଳକ । ଏପର୍ଯ୍ୟନ୍ତ କେହି ଗୁଳିରେ ମରିନାହିଁ ଅଉ ଗୁଳି ଚାଲିଥିବା କଥା ଅମୂଳକ ।

—:—

ରଣପୁର ଡ଼ାକ ଖୋରଧାଠାରୁ ଯିବ

ଖୋରଧା, ତା ୮।୧।୩୯

ଏଠାରେ ଖବର ଅସିଛି ଯେ, ରଣପୁର ଡ଼ାକ ଓ ଟେଲିଗ୍ରାଫ, କଟଣିଠାରୁ ଦିନେ ଡେରି କରିଯାଉ ଥିବାରୁ ସେସବୁ ଏଣିକି ଖୋରଧା ଡାକଘରଠାରୁ ଷ୍ଟେଟର ଗୋଟିଏ ଲରି ନବା ଅଣିବା କରିବ ।

—

ରଣପୁର ଲୋକ ଅଶ୍ରୟ ନେଉଛନ୍ତି

ସାନପଦର (ଖୋରଧା) ତା ୮।୧।୩୯

ରଣପୁର ଷ୍ଟେଟରୁ ପ୍ରାୟ ୫ହଜାର ପ୍ରଜା ଏଠାରେ ଅଶ୍ରୟ ନେଇଛନ୍ତି । ଗରିବ ଲୋକମାନଙ୍କୁ ଗୃହକର ସାହାଯ୍ୟ ଦିଆ ଯାଉଛି । ଅନେକ ଲୋକ ଖାଇବାକୁ ପାଉନାହାନ୍ତି ।

—

ଖୋର୍ଦ୍ଧା ସବ୍‌ଡିଭିଜନରେ ଅଧିକା ପୁଲିସ ରହିଲେ

ଖୋର୍ଦ୍ଧା, ତା ୭।୧।୩୯

ରଣପୁରର ବହୁସଂଖ୍ୟକ ଲୋକ ପୁରୀ ଜିଲ୍ଲାର ବଲିଲ ଥାନାରେ ଅସି ଅଶ୍ରୟ ନେଇ-ଥିବାରୁ ଆଙ୍ଗ, ବେଗୁନିଆ, ବୋଲଗଡ଼ରେ ଆଉ ଅଧିକା ୧୦ଜଣ ଲେଖାଏ ପୁଲିସ ପୁରୀରୁ ଅସି ରହିଲେଣି । କାଲି ସି, ଆଇ, ଡି, ଇନ୍‌ସପେକ୍‌ଟର ରାତି ୧୦ଟା ବେଳେ ରଣପୁର ଗଲେ । ପୁରୀ କଲେକ୍‌ଟର ଖୋର୍ଦ୍ଧା ଓ କଟଣିରେ କ୍ୟାମ୍ପ ପକାଇଛନ୍ତି ।

—

ରଣପୁର ଅବକାରୀ ଓ ଡ଼ାକଘର ରାଜଙ୍କ ନଅର ଭିତରକୁ ଉଠିଯାଇଥିଲା

ଖୋର୍ଦ୍ଧା, ତା ୭।୧।୩୯

ଏଠାରେ ଖବର ମିଳିଛି ଯେ କଟକ ସଶସ୍ତ୍ର ପୁଲିସ ଫୌଜ ରଣପୁର ଗଡ଼ରେ ପହରା ଦେଉଛନ୍ତି । ରାଜାଙ୍କ ନଅର ଚାରିପଟେ ମଧ୍ୟ ପହରା ଦିଆହେଉଛି । ରଣପୁର ଡ଼ାକଘର ଓ ଅବକାରୀ ଦୋକାନ ନଅର ଭିତରେ ହେଉଥିଲା । ଆଜି ୭ ତାରିଖ ଦିନ ଡ଼ାକଘର ପଦାକୁ ଉଠିଆସିଛି । ସେଠାରେ ପୁଲିସ କଡ଼ା ପହରା ଦେଉଛନ୍ତି । ଅବକାରୀ ଦୋକାନ ମଧ୍ୟ ବାହାରକୁ ଉଠିଆସିଛି । ରଣପୁର ଡାକ ଆଜି କାଲି ମଟର ଯୋଗେ ଖୋର୍ଦ୍ଧାରୁ ରଣପୁର ଯାଉଛି ।

—

ଏ ଘଟଣାରେ ସମସ୍ତେ ଦୁଃଖିତ

ଖୋର୍ଦ୍ଧା, ତା ୭।୧।୩୯

ଏଠାରେ ରଣପୁରର ଏ ଦୁର୍ଘଟଣାରେ ସବୁ ଶ୍ରେଣୀର ଲୋକେ ଦୁଃଖିତ ।

ନୟାଗଡ଼ଠାରେ ଏହିମଧ୍ୟରେ ସ୍ୱର୍ଗୀୟ ବେଜଲଗେଟଙ୍କ ମୃତ୍ୟୁରେ ଶୋକ ସଭା କରାଯାଇ ଏ ହତ୍ୟାକାଣ୍ଡର ନିନ୍ଦାବାଦ କରାଯାଇଥିଲା ।

—

ନୟାଗଡ଼କୁ ଅସ୍ତ୍ରଶସ୍ତ୍ର ଗଲା ?

ଖୋର୍ଦ୍ଧା, ତା ୭।୧।୩୯

ଆଜି ସକାଳେ ନୟାଗଡ଼ ରାଜାସାହେବ ଓ ଶ୍ରୀଯୁକ୍ତ ନିୟୋଗୀ ନୟାଗଡ଼ରୁ ପ୍ରଥମେ କଟଣି ଯିବା ପରେ ନୟାଗଡ଼ ମାଲକୁହା ଲାସ୍ତ ଅସି କେତେକ ବାକ୍ସ ଓ ବସ୍ତା ନେଇଯାଇଛି । ନୟାଗଡ଼କୁ ବନ୍ଦୁକ ସ୍ତ୍ରୁତି ମଗା ହୋଇଛି ବୋଲି ଜନରବ ।

—

ଅନଗୁଳ ସମ୍ବାଦ

ଅନୁଗୁଳ, ତା ୮।୧।୩୯

ଅନୁଗୁଳର ଲଂସଲ୍ଲ ମେଜର ଶ୍ରୀଯୁକ୍ତ ଗିରିଜାଭୂଷଣ ଦତ୍ତ ୧୫ ଦିନ ହେଲା ବ୍ରଣ ରୋଗରେ ଶଯ୍ୟାରେ ପଡ଼ିଥିଲେ । ରୋଗ ଦିନକୁ ଦିନ ବୃଦ୍ଧି ପାଇବାରୁ ଆଜି ତାଙ୍କୁ ଅନଗୁଳ ଡାକ୍ତରଖାନାକୁ ଚିକିତ୍ସା କିମନ୍ତେ ନିଆଯାଇଛି । ସେ ଏତେଦୂର ଦୁର୍ବଳ ଯେ କଥା କହିବାର ଶକ୍ତି ନାହିଁ ଏବଂ ସମୟେ ସମୟେ ଅଚେତ ହୋଇ ପଡ଼ୁଛନ୍ତି । ଭଗବାନ ତାଙ୍କୁ ଶୀଘ୍ର ଆରୋଗ୍ୟ କରନ୍ତୁ ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥନା ।

ସର୍ବସାଧାରଣଙ୍କୁ ଅନୁରୋଧ, ଗିରିଜାବାବୁ ଡାକ୍ତରଖାନାରେ ଚିକିତ୍ସା କିମନ୍ତେ ରହିଥିବାରୁ ତାଲଚେର ସାହାଯ୍ୟ କିମ୍ବା ଅନ୍ୟ କୌଣସି ବିଷୟରେ ଯେ କେହି ସାହାଯ୍ୟ ବା ମନ-ଅର୍ଡ଼ର କିମ୍ବା ପତ୍ର ଦେବେ ଅନୁଗୁଳ କଂଗ୍ରେସ କର୍ମୀ ଶ୍ରୀମାନ ହୃଷିକେଶ ଦିପାଠୀଙ୍କ ନାମରେ ପଠାଇଲେ ସୁବିଧା ହେବ ।

—

କାହିଁକି ଓଡ଼ିଶା ପୁଲିସ ରଣପୁର ଗଲେ

ଓଡ଼ିଶା ସରକାର ପଡ଼ୋଶୀ ହିସାବରେ ଏହା କରିଛନ୍ତି

ପ୍ରଧାନମନ୍ତ୍ରୀ ମାନ୍ୟବର ବିଶ୍ୱନାଥ ଦାସଙ୍କ ବିବୃତି

କଟକ, ତା ୮।୧।୩୯

ଓଡ଼ିଶାର ପ୍ରଧାନମନ୍ତ୍ରୀ ମାନ୍ୟବର ବିଶ୍ୱନାଥ ଦାସଙ୍କୁ ସାମ୍ବାଦିକ ସାକ୍ଷାତକାର ରାଜନୈତିକ ଗଣ୍ଡଗୋଳ ହେତୁ ଯେ ଅବସ୍ଥା ଘଟିଛି ତାକୁ ସମ୍ଭାଳିବା ପାଇଁ ଓଡ଼ିଶାରୁ ସଶସ୍ତ୍ର ପୁଲିସ ପଠାଯାଇଛି ବୋଲି ଯେ ଖବର ପ୍ରକାଶ ପାଇଛି ସେ ବିଷୟରେ ପ୍ରଶ୍ନ କରିବାରୁ ସେ ଜବାବ ଦେଇ କହିଲେ—"ରଣପୁରରେ ରାଜନୈତିକ ଗଣ୍ଡଗୋଳକୁ ସମ୍ଭାଳିବା ପାଇଁ କେହି ଆମର ସାହାଯ୍ୟ ଚାହାନ୍ତି, ତେଣୁ ପୁଲିସ ଫୌଜ ପଠାଇବା ପ୍ରଶ୍ନ ଉଠୁନାହିଁ ।"

ମାନ୍ୟବର ଦାସ ଆହୁରି କହିଲେ—"ରଣପୁରରେ ଯେଉଁ କାଣ୍ଡ ଘଟିଗଲା ସେହିଭଳି ଜଘନ୍ୟ କାଣ୍ଡ କୌଣସିଠାରେ ଘଟିଲା ପରେ ମାନବ ସମାଜର ସ୍ୱାର୍ଥ ଓ ପଡ଼ୋଶୀ ସମ୍ପର୍କ ଦୃଷ୍ଟିରୁ ଏବଂ ରାଜାଙ୍କ ପ୍ରତିନିଧି ଓ ପ୍ରଦେଶମାନଙ୍କ ଭିତରେ ଯେ ସମ୍ପର୍କ ସେ ଦୃଷ୍ଟିରୁ ଆମର କେତେକ କାର୍ଯ୍ୟ କରିବାର କଥା । ସେ ସବୁ ହେଉଛି ମୃତଦେହଗୁଡ଼ିକୁ ଜଳିବା, ସେ ସବୁର ଡାକ୍ତରୀ ମାଇନା କରାଇବା, ଅସ୍ଥାୟୀ ଭାବରେ ରାଜପ୍ରାସାଦକୁ ଜଗି ରହିବା, ମୃତଦେହ-ଗୁଡ଼ିକର ସତ୍କାର କରାଇବା ଇତ୍ୟାଦି । ଅବସ୍ଥା ଓ ପରିସ୍ଥିତି ଯାହା ହୋଇଥିଲା ତାହା କାହିଁକି ଯେ କୌଣସି ପଡ଼ୋଶୀ ପକ୍ଷରେ ଏ ସବୁ କାର୍ଯ୍ୟ କରିବା ଆବଶ୍ୟକ । ପୁରୀ ଜିଲ୍ଲାରୁ ପୁଲିସ ସାଙ୍ଗରେ ଯିବାପାଇଁ ଜଣେ ପ୍ରଥମ ଶ୍ରେଣୀ ମେଜିଷ୍ଟ୍ରେଟଙ୍କୁ ମଧ୍ୟ ଅଦେଶ ଦିଆ ହୋଇଥିଲା ।"

ମେଜର ବେଜଲଗେଟଙ୍କ ମୃତ୍ୟୁ ସମ୍ବନ୍ଧରେ ତାଙ୍କୁ ପ୍ରଥମେ ଅସିଷ୍ଟାଣ୍ଟ ପୋଲିଟିକାଲ ଏଜେଣ୍ଟ ମିଷ୍ଟର ଡବଲ ଏବଂ ପୁଲିସ ଇନ୍‌ସପେକ୍‌ଟର ଜେନେରାଲ ମିଷ୍ଟର ପରିକନସ ଭୁବନେଶ୍ୱରଠାରେ ଜଣାଇଥିଲେ କି ହୋଲି ପରଦିନ ବାରୁ ମାଧ୍ୟବର ଦାସ କହିଲେ—"କଂଗ୍ରେସ କାର୍ଯ୍ୟକାରୀ କମିଟିର ମେମ୍ବର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କଠାରୁହିଁ ପ୍ରଥମେ ମୁଁ ୭ ତାରିଖ ସକାଳ ସାଢ଼େ ୭ଟା ବେଳେ ଏ ଖବର ପାଇଲି । ସେଦିନ ସାଢ଼େ ୮ଟା ବେଳେ ମାନ୍ୟବର ଦୁଜେ ଏବଂ ସ୍ୱାସ୍ଥ୍ୟ ଉପଶାସନ ବିଭାଗର ସେକ୍ରେଟରୀ ଉଡ଼ ସାହେବଙ୍କ ସଙ୍ଗେ ମୋର ଗୋଟାଏ କାର୍ଯ୍ୟ ଥିଲା । ଏହି ଶୋଚ-ନୀୟ ଖବର ପାଇ ମୁଁ ବିଚଳିତ ହୋଇ-ପଡ଼ିଲି । ଫଳରେ ଉକ୍ତ କାର୍ଯ୍ୟ ମୋତେ ବନ୍ଦ କରିବାକୁ ହୋଇଥିଲା । ମୋଠାରୁ କେତେକ ସରକାରୀ କର୍ମଚାରୀ ଏ ଖବର ପାଇଥିଲେ । ସେଦିନ ସାଢ଼େ ୨ଟା ବେଳେ ମାନ୍ୟବର ସାର ଜଗଦୀଶ ପ୍ରସାଦଙ୍କୁ ମୋତେ ଖଣ୍ଡଗିରି ନେଇଯିବାକୁ ପଡ଼ିଥିଲା । ଖଣ୍ଡଗିରିଠାରେ ଆମେ ଦୁହେଁ ଯାଇ ସହଞ୍ଚିଲା ବେଳକୁ ଆମ୍ଭେମାନେ ଦେଖିଲୁ ଯେ ଅସିଷ୍ଟାଣ୍ଟ ପଲିଟିକାଲ ଏଜେଣ୍ଟ ମିଷ୍ଟର ଡ଼ବଲ ମୋ ପାଇଁ ଅପେକ୍ଷା କରି ରହିଥିଲେ । ତାଙ୍କ ଅନୁରୋଧରେ ସେଠାରେ ଆମ୍ଭମାନଙ୍କୁ ଅଭ୍ୟର୍ଥନା କରିବା ପାଇଁ ଉପସ୍ଥିତ ଥିବା ପୁରୀ ଜିଲ୍ଲା ମେଜିଷ୍ଟ୍ରେଟଙ୍କୁ ଏ ସମ୍ବନ୍ଧରେ ମିଷ୍ଟର ଡ଼ବଲଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ଲାଗି ମୁଁ କହିଥିଲି । ମିଷ୍ଟର ପରିକନ୍‌ସଙ୍କୁ ମୃତ ଦେହ ଜଗିବାପାଇଁ ଏବଂ ସମୟୋଚିତ ଆବଶ୍ୟକୀୟ ସାହାଯ୍ୟ କରିବା ପାଇଁ ପୁରୁଣ୍ଡୁ ପଠାଇବାକୁ ସାରିଥିଲି ।"

ସରକାରୀ ରେଳବାଇ ପୁଲିସ ଅଧୀନସ୍ଥ ଅଞ୍ଚଳ ସମେତ ଗଡ଼ଜାତମାନଙ୍କରେ ଗୁଳି ଫଏର ହୋଇ ଏବଂ ଷ୍ଟେଟ କର୍ମଚାରୀ ନିଜ ଦ୍ୱାରା ହୋଇଛି ବୋଲି କୁହାଯାଇଥିବା ଅନ୍ୟ କାର୍ଯ୍ୟ ଫଳରେ ଯେଉଁସବୁ ମୃତ୍ୟୁ ଘଟିଛି ସେ ଘଟଣାରେ ଓଡ଼ିଶା ସରକାର ଏପ୍ରକାର ଉଦ୍‌ବେଗ ଓ ତତ୍ପରତା ଦେଖାଇ ନ ଥିଲେ ବୋଲି ସାମ୍ବାଦିକ କଥା ଉଠାଇବାରୁ ମାନ୍ୟବର ଦାସ କହିଲେ—"ଗଡ଼ଜାତ ପ୍ରଜାଙ୍କ ମୃତ୍ୟୁ ଘଟଣାରେ ଓଡ଼ିଶା ସରକାର ଉଦ୍‌ବେଗ ଓ ତତ୍ପରତା ଦେଖାଇ ନାହାନ୍ତି ବୋଲି କହିବା ପ୍ରଥମରୁ ଏକାବେଳକେ ଭୁଲ । ଆମ ଡାକ୍ତରଖାନା-ଗୁଡ଼ିକ ଏବଂ ଡାକ୍ତରୀ ଲୋକେ କରିବାର ଷ୍ଟେଟ ପ୍ରଜାଙ୍କର ଚିକିତ୍ସା କରିଛନ୍ତି । ସେମାନଙ୍କୁ ଚିକିତ୍ସା କରାଯାଇଥିବା ବିଷୟରେ ଠିକ ଠିକ ବିବରଣୀ ରଖାଯାଇଛି ଏବଂ ରାଜାଙ୍କ ପ୍ରତି-ନିଧିଙ୍କୁ ଏସବୁ ଦୁର୍ଘଟଣାର ଖବର ବରାବର ଦିଆ ହୋଇଛି ।"

ସେ ଆହୁରି କହିଲେ—"ସତ୍ୟାଗ୍ରହ ସଂଗ୍ରାମରେ ତାର ବିଶେଷତ୍ୱ ଉପଲବ୍ଧି କରିବାର କଥା । ଶାସକମାନଙ୍କର ଏବଂ ରାଜନୈତିକ ବିଭାଗର ହୃଦୟ ପରିବର୍ତ୍ତନ କରାଇବା ପାଇଁ ତ୍ୟାଗ ସ୍ୱୀକାର କରିବାର ଏବଂ ଅବଶ୍ୟକ ପଡ଼ିଲେ ମୃତ୍ୟୁ ବରଣ କରିବାର ଦାୟିତ୍ୱ ସତ୍ୟାଗ୍ରହୀମାନେ (ଏ କ୍ଷେତ୍ରରେ ଗଡ଼ଜାତ ପ୍ରଜାମାନେ) ଅପଣା ଉପରକୁ ନେଇଛନ୍ତି । ଏହି ନିଃସ୍ୱାର୍ଥ ଏବଂ ଶୃଙ୍ଖଳିତ ସଂଗ୍ରାମରେ ଗଡ଼ଜାତ ପ୍ରଜାମାନେ ଯେ ଅନେକ ଓ ଅବର୍ଣ୍ଣନୀୟ ଦୁଃଖ ଯନ୍ତ୍ରଣା ସହୁଛନ୍ତି ଏକଥା ଓଡ଼ିଶାର ଅନ୍ୟମାନଙ୍କପରି ମୁଁ ମଧ୍ୟ ଉପଲବ୍ଧି କରୁଛି । ଅବସ୍ଥା ନ ବଦଳିଲା ବୋଲି ହିଂସା ଆଚରଣ ତାର ପ୍ରତିକାର ନୁହେଁ, ତାର ପ୍ରତିକାର ହେଉଛି ଅଧିକ ଦୁଃଖ କଷ୍ଟ ବରଣ କରିବା ଏବଂ ଅଧିକ ଶୃଙ୍ଖଳା ଦେଖାଇବା । ଏକଥା ସତ ଯେ ଏପରି କଷ୍ଟ ସାଧ୍ୟ । ତେଣୁ ସଫଳତା ମଧ୍ୟ ଅପ୍ରତିହତ ।"

ସେ ଉପସଂହାରରେ କହିଲେ—"ଏହି ଭଳି ଅବସ୍ଥାରେ ଯେଉଁସବୁ ଘଟଣା ରାଜାଙ୍କ ପ୍ରତିନିଧିଙ୍କ ଗୋଚରକୁ ଆଣିବାର କଥା ତାହା କରିବା ଛଡ଼ା ପ୍ରାଦେଶିକ ସରକାରଙ୍କର ଆଉ କରିବାର କିଛି ନାହିଁ । ମୁଁ ଦାବୀ କରେ ଯେ ଓଡ଼ିଶା ସରକାର ଏହା କରିବାକୁ ଅବହେଳା କରି ନାହାନ୍ତି ।"

(ଇଉ, ପି)

—

ଆଠଗଡ଼ରେ ପୁଲିସ ଜଲସା

ଦିନ ଦ୍ୱିପ୍ରହରେ ଲୋକଙ୍କୁ ମାଡ଼

ଆଠଗଡ଼, ତା ୭।୧।୩୯

ଶୁଣୁଣୀଠାରେ ଏକାମ ନାମରେ ଜଣେ ଷ୍ଟେଟ ପୁଲିସ କର୍ମଚାରୀ ଜଣା ଅଦାୟ ସହିତରେ